# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**5 May - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଦଳୀୟ ନିର୍ବାଚନ ପ୍ରଚାର ଲାଗି ଭୁବନେଶ୍ୱରରେ ପହଞ୍ଚିବେ

— ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି

- ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୨୯୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ୍; ବୀରମିତ୍ରପୁର ଆସନରେ ସର୍ବାଧିକ ୧୫ ପ୍ରାର୍ଥୀ

- କଟକରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଲେ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଦୁଇ ଦିନ ଝଡ଼ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗର ସୂଚନା

# ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସି ରାଜ୍ୟରେ ନିର୍ବାଚନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରୀ ଯାପନ କରିବେ । ଶ୍ରୀ ମୋଦୀ ଆସନ୍ତାକାଲି ବ୍ରହ୍ମପୁର ଏବଂ ନବରଙ୍ଗପୁରରେ ବିଜେପି ପକ୍ଷରୁ ଆୟୋଜନ ହେବାକୁ ଥିବା ଦୁଇଟି ଜନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ପ୍ରଧାନମନ୍ତ୍ରୀ ଚଳିତମାସ ଦ୍ୱିତୀୟ ସପ୍ତାହରେ ପୁଣି ଥରେ ଓଡିଶା ଆସି ଦଳୀୟ ନିର୍ବାଚନ ସଭା ଏବଂ ରୋଡ୍ ଶୋ' ରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

# ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡିଶା ଗସ୍ତରେ ଆସି ରାଜ୍ୟରେ ନିର୍ବାଚନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରୀ ଯାପନ କରିବେ । ଶ୍ରୀ ମୋଦୀ ଆସନ୍ତାକାଲି ବ୍ରହ୍ମପୁର ଏବଂ ନବରଙ୍ଗପୁରରେ ବିଜେପି ପକ୍ଷରୁ ଆୟୋଜନ ହେବାକୁ ଥିବା ଦୁଇଟି ଜନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ସେହିଭଳି ପ୍ରଧାନମନ୍ତ୍ରୀ ଚଳିତମାସ ଦ୍ୱିତୀୟ ସପ୍ତାହରେ ପୁଣି ଥରେ ଓଡିଶା ଆସି ଦଳୀୟ ନିର୍ବାଚନ ସଭା ଏବଂ ରୋଡ୍ ଶୋ' ରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୁରକ୍ଷା

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଗତକାଲି କାରକେଡ୍ ରିହରର୍ସାଲ୍ କରାଯିବା ସହ ଭୁବନେଶ୍ୱରକୁ ହାଇଆଲର୍ଟରେ ରଖାଯାଇଛି। ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଲାଗି ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ । ଏଥିସହ ୩ ଜଣ ଡିସିପି, ୧୦ଜଣ ଏସିପି, ୧୭ଜଣ ଇନ୍ସପେକ୍ଟର ଓ ୯୦ଜଣ ଏଏସ୍ଆଇ ତଥା ଏସ୍ଆଇଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ଦ୍ୱିତୀୟ ପଯ୍ୟାୟ ନିର୍ବାଚନ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚଳିତମାସ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ବରଗଡ, ସୁନ୍ଦରଗଡ, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଏହି

ନିର୍ବାଚନ ମଣ୍ଡଳୀ ପରିସରରେ ଆସୁଥିବା ୩୫ଟି ବିଧାନସଭା ଆସନଗୁଡିକ ପାଇଁ ଏକକାଳୀନ ଭୋଟ ନିଆଯିବ । ଏଥିପାଇଁ ଗତ ୨୬ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୩ ତାରିଖରେ ଶେଷ ହୋଇଛି।  ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ୩୫ଟି ବିଧାନସଭା ଆସନ ପାଇଁ ୨୯୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେମାନଙ୍କ ମଧ୍ୟରେ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଉରକେଲା ଆସନ ପାଇଁ ୧୪ ଜଣ, କଣ୍ଟାବାଞ୍ଜି ପାଇଁ ୧୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ବଣାଇ ଓ ପୋଲସରା ପାଇଁ ୧୨ ଜଣ ଲେଖାଏଁ, ଫୁଲବାଣୀ ଓ କବିସୂର୍ଯ୍ୟନଗର ଆସନ ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରଜରାଜନଗର, ଝାରସୁଗୁଡ଼ା, ପାଟଣାଗଡ଼, ଭଞ୍ଜନଗର ଓ ହିଞ୍ଜିଳି ବିଧାନସଭା ଆସନ ପାଇଁ ୧୦ ଜଣ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ୫ଟି ଲୋକସଭା ଆସନ ପାଇଁ ମୋଟ ୪୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ଆସନ୍ତାକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

## ଜଗତ୍ ପ୍ରକାଶ ନଡ୍ଡା- ଇସ୍ତାହାର

ଆଜି ଅପରାହ୍ଣରେ ମଧ୍ୟ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଦଳୀୟ ପ୍ରଚାର ପାଇଁ ଭୁବନେଶ୍ୱର ପହଞ୍ଚୁଥିବା ଜଣାପଡିଛି। ଏହି ଅବସରରେ ସେ ବିଜେପିର ନିର୍ବାଚନ ଇସ୍ତାହାର ତଥା ବିଜେପି ସଂକଳ୍ପ ପତ୍ର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏଥିସହିତ ଶ୍ରୀ ନଡ୍ଡା ଦଳୀୟ ପଦାଧିକାରୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ନଡ୍ଡା ମଧ୍ୟ କଟକଠାରେ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବେ ବୋଲି ଦଳ ପକ୍ଷରୁ ଜଣାପଡିଛି।

## ରାଜନାଥ ସିଂ-ଅମିତ୍ ଶାହ ଓଡ଼ିଶା ଗସ୍ତ

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସନ୍ତା ୮ ତାରିଖରେ ଓଡିଶା ଆସିବେ । ଏହି ଅବସରରେ ସେ  ରାୟଗଡ଼ାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାଯାଇଛି।

ସେହିପରି ମଇ ୧୨ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁଣି ଥରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲସିଂ ତୋମାର ଏହି ସୂଚନା ଦେଇଛନ୍ତି ।

## ଯୋଶୀଙ୍କ ଗୁରୁମନ୍ତ୍ର

କଟକ ବିଜେପି ନେତା ଓ କର୍ମୀଙ୍କୁ ନିର୍ବାଚନ ଲଢ଼ିବା ଲାଗି  ଉତ୍ସାହିତ କରିଛନ୍ତି କଟକ ଲୋକସଭା ପର୍ଯ୍ୟବେକ୍ଷକ ଚନ୍ଦ୍ର ପ୍ରକାଶ ଯୋଶୀ। ଏଥିସହିତ

ଏକଜୁଟ ହୋଇ କାମ କରିବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି । କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇ ସେ ଏହା କହିଛନ୍ତି । ଏହି ଆଲୋଚନାରେ ବାରବାଟୀ-କଟକ ବିଜେପି ବିଧାୟକ ପ୍ରାର୍ଥୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ସହ କଟକ ନଗର ବିଜେପି ନେତା, କର୍ମୀ, କର୍ପୋରେଟର ଆଦି ଯୋଗ ଦେଇଥିଲେ ।

## ରଥକାଠ-ପୁରୀ

ଚଳିତବର୍ଷର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ମହାପ୍ରଭୁଙ୍କ ରଥନିର୍ମାଣ ଲାଗି ଗତକାଲି ତୃତୀୟ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି । ଗଞ୍ଜାମ ଘୁମୁସରରୁ ଗୋଟିଏ ଟ୍ରେଲରରେ ୨୫ ଖଣ୍ଡ ଧଉରା କାଠ ଆସିଥିବା ଜଣାଯାଇଛି । ଆସନ୍ତା ୧୦ ତାରିଖ ଅକ୍ଷୟତୃତୀୟା ତିଥିରେ ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ କରାଯିବ ।

## ଜୟଶଙ୍କର

ଦୁଇଦିନିଆ ଓଡ଼ିଶା ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ଆଜି କଟକରେ ଆୟୋଜିତ ବୁଦ୍ଧିଜୀବୀ ସମିଳନୀରେ ଯୋଗଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ବିକଶିତ ଭାରତ ଗଠନ ନିମନ୍ତେ ଆମକୁ ବିଶ୍ୱର

ବନ୍ଧୁ ହେବା ଆବଶ୍ୟକ। ସେ କହିଛନ୍ତି, ଗତ ୧୦ ବର୍ଷରେ ଭାରତର ଭିତ୍ତିଭୂମି ଦୃଢ଼ ହୋଇଛି। ଏହି ଆଧାରରେ ଆଗାମୀ ୨୫ ବର୍ଷର ଯାତ୍ରା ସ୍ଥିର କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ବୈଦେଶିକ ନୀତି ସଫଳ ହେଲେ ଦେଶର ଛବି ବିଶ୍ୱରେ ପ୍ରତିଫଳିତ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, କଟକ-ଚୌଦ୍ୱାର ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଓ କଟକ ଲୋକସଭା ପର୍ଯ୍ୟବେକ୍ଷକ ଚନ୍ଦ୍ର ପ୍ରକାଶ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପ୍ରାର୍ଥୀ ବଦଳ

କଂଗ୍ରେସ ପକ୍ଷରୁ ଆଜି ୫ ବିଧାନସଭା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି । ଜଳେଶ୍ୱର, ବରୀ, ଆଠମଲ୍ଲିକ, ପୁରୀ ଓ ଆଠଗଡ଼ ଆସନରେ ନୂଆ ପ୍ରାର୍ଥୀ ଘୋଷଣା ନେଇ ଏଆଇସିସି ସୂଚନା ଦେଇଛି। ବରୀରୁ ଦେବାଶିଷ ନାୟକ, ଜଳେଶ୍ୱରରୁ ସୁଦର୍ଶନ ଦାସ, ଆଠମଲ୍ଲିକରୁ ହିମାଂଶୁ ଚାଉଳିଆ, ପୁରୀରୁ ଉମା ବଲ୍ଲଭ ରଥ, ନୀଳଗିରିରୁ ଅକ୍ଷୟ ଆଚାର୍ଯ୍ୟ ଓ ଆଠଗଡ଼ରୁ ସୁଦର୍ଶନ ସାହୁଙ୍କୁ କଂଗ୍ରେସ ଟିକେଟ ଦେଇଛି।

## ବିଧାନସଭା ନିର୍ବାଚନ-ଅନୁଗୁଳ

ନିର୍ବାଚନ କମିଶନଙ୍କ ପକ୍ଷରୁ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ **ଅନୁଗୁଳ** ଜିଲ୍ଲାର ଲୋକସଭା ଆସନ ଓ ୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ରାଜନୈତିକ ଦଳଗୁଡ଼ିକ ଚେଷ୍ଟା ଚଳାଇଛନ୍ତି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ତତା ମଧ୍ୟ ବୃଦ୍ଧି ପାଇଛି । ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ **ଅନୁଗୁଳ** ସମ୍ବାଦଦାତା **ଦେବରଞ୍ଜନ ସାମଲ**ଙ୍କ ରିପୋର୍ଟ ....

# - V/O -

## ଧରଣୀଧର ନାୟକଙ୍କ ଜୟନ୍ତୀ

ମହାନ ବିପ୍ଳବୀ ଧରଣୀଧର ନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି ଭାଇଭଉଣୀଙ୍କ ଅଧିକାରର ସୁରକ୍ଷା ତଥା କଲ୍ୟାଣ ପାଇଁ ତାଙ୍କ ସଂଗ୍ରାମୀ ଜୀବନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଧରଣୀଧରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଛନ୍ତି ।

## ରଘୁନାଥ ମୁର୍ମୁ-ଜୟନ୍ତୀ

ଅଲଚିକି ଲିପିର ଜନକ ତଥା ସାନ୍ତାଳୀ ଭାଷାର ମହାନ୍ ସାହିତ୍ୟିକ, ଗୁରୁ ପଣ୍ଡତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ରାଜ୍ୟପାଳ ରଘୁବର ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ସାଧନା ସମ୍ପର୍କରେ ସେ ସ୍ମୃତିଚାରଣ କରିଛନ୍ତି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବୌଦ୍ଧ, ଅନୁଗୁଳ, ନୟାଗଡ଼, ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର  ଆସନ୍ତାକାଲି ଓ ୮ ତାରିଖରେ ପ୍ରବଳ ଝଡ଼ବର୍ଷା ସମ୍ଭାବନା ଥିବା ସୂଚନା ଦେଇଛି । ଏନେଇ ସେହି ଦୁଇଦିନ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି । ଝଡ଼ବର୍ଷା ସମୟରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ

ସମୁଦ୍ରରେ ଜୁଆର ଆସିବା ସମ୍ଭାବନା ରହିଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ।

**********************************